ଶନିବାର, ୧୫ ଫେବୃଆରୀ,୨୦୨୫

# ପିଲାଙ୍କ ଧରିତ୍ରୀ





## ଖିଲି ଖିଲି ହସ

(ଦୁଇସାଙ୍ଗ କାଠ ହାଣୁଥିଲେ)
ପ୍ରଥମ ସାଙ୍ଗ: ଆରେ ଭାଇ, ତୋ ଫୋନ୍ ରିଂ ହେଉଛି। ଦ୍ୱିତୀୟ ସାଙ୍ଗ: ଏବେ ମାଲିକ ଆସିବା ଟାଇମ୍ ହେଲାଣି ଆଉ ଫୋନ୍‌ରେ କଥା ହୋଇ ହେବନି। ତୁ ଗୋଟେ କାମ କର ଫୋନ୍‌କୁ କାଟିଦେ।
ପ୍ରଥମ ସାଙ୍ଗ : ହଉ ସାଙ୍ଗ ମୁଁ କାଟି ଦେଉଛି (ସେ କାଠଗଣ୍ଡି ଉପରେ ମୋବାଇଲ୍‌କୁ ଥୋଇ ତାକୁ କୁରାଢ଼ିରେ ଦୁଇଖଣ୍ଡ କରିଦେଲା।

ରାମବାବୁ ସୋମେଶଙ୍କୁ ପଚାରିଲେ, ଆରେ ପୁଅ ପାଠପଢ଼ା କେମିତି ଚାଲିଛି ?
ସୋମେଶ: ଅଙ୍କଲ,ପାଠପଢ଼ା ଚାଲି ଚାଲି ବହୁତ ଆଗକୁ ପଳାଇଲାଣି ମୋ'ଠାରୁ !

ରାଜୁ ବିଜୁକୁ କହିଲା– ମୁଁ ଭାବୁଛି ଆମେରିକା ବୁଲିଯା'ନ୍ତି ?
ବିଜୁ: ହଁ, ବହୁତ ଭଲ। ଭାବିବାରେ କେତେ ଟଙ୍କା ଖର୍ଚ୍ଚ ହୋଇଯିବ।
ରାଜୁ: ଜମା ବି ଟଙ୍କାଟିଏ ଖର୍ଚ୍ଚ ହେବନି, ହେଲେ ଭାବିବାରେ କ'ଣ ଟଙ୍କା ପଡ଼େ ?

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ସତିଆ ର ସତ ଗୁଣ

ଗପ



ସତିଆ ନାମରେ ପିଲାଟିଏ। ଗାଁ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପାଠ ପଢେ। ତାଙ୍କ ଗାଁ ମୁଣ୍ଡ ଛକରେ ପ୍ରତି ସପ୍ତାହ ରବିବାର ହାଟ ବସେ। ଛୁଟିଦିନ ହୋଇଥିବାରୁ ସତିଆ ପ୍ରତି ସପ୍ତାହ ହାଟକୁ ଯାଏ। କେବେ ମା'ଙ୍କ ସହିତ ଆଉ କେବେ ବାପାଙ୍କ ସହିତ। ଗୋଟିଏ ହାଟ ପାଳିର କଥା। ସତିଆକୁ ସେଦିନ ଜ୍ୱର ହେଉଥିବାରୁ ବାପାଙ୍କ ସହ ହାଟକୁ ଯାଇପାରିଲା ନାହିଁ। ସତିଆର ବାପା ପରିବା କିଣି ଘରକୁ ଫେରିଲେ। ଘରେ ଆସି ମା'ଙ୍କ ସହିତ ହିସାବ କରି ବାକି ଟଙ୍କା ସବୁ ଦେଖିଲା ବେଳକୁ ଗୋଟିଏ ଚିରା ଶହେ ଟଙ୍କିଆ ନୋଟ୍ ବାହାରିଲା। ଏହା ଦେଖି ସତିଆର ମା' ହାଟରୁ ଭଲରେ ନ ଦେଖି ଚିରା ନୋଟ୍‌ଟିଏ ଆଣିଥିବାରୁ ବାପାଙ୍କୁ ଗାଳି କଲେ । ସତିଆ ବାପା କହିଲେ– ତମେ ଚିନ୍ତା କରନି ସତିଆ ମା, ମୁଁ ଆସନ୍ତା ପାଳି ହାଟରେ ଏଇ ନୋଟ୍ ବଦଳାଇ ଦେବି। ସତିଆ ପଚାରିଲା –ବାପା, ଏଇ ନୋଟ୍ ତମକୁ ଯିଏ ଦେଇଛି ତମେ ତାକୁ ଜାଣିଛ କି? ବାପା–ଆରେ ସତେ ତ ମୁଁ ତ ତାକୁ ଜାଣିନି। ମାଆ କହିଲେ– ଯିଏ ତମକୁ ଏଇ ନୋଟ୍ ଦେଇଛି, ସିଏ ବଡ ଚାଲାକ୍। ସିଏ ଯେମିତି ଚାଲାକି କରି ନୋଟ୍‌ଟି ଦେଇଛି ତମେ ସେମିତି ଭିଡ ସମୟରେ ଚାଲାକି କରି ନୋଟ୍ ଦେଇ ପରିବା ଧରି ଖସି ଆସିବ।

ଆର ସପ୍ତାହରେ ବାପାଙ୍କ ସହ ସତିଆ ହାଟକୁ ଗଲା। ପରିବା କିଣିବା ପରେ ସେଇ ୧୦୦ ଟଙ୍କିଆ ନୋଟ୍‌କୁ ଦେବାମାତ୍ରେ ଦୋକାନୀମାନେ ଚିରା ନୋଟ୍ ଦେଖି ଭଲକରି ପଦେଅଧେ ଶୁଣାଇ ଦେଲେ। ଶେଷରେ ନିଜର ଭୁଲ୍ ପାଇଁ ମୁଣ୍ଡ କାନ ଆଉଁଷି ଘରକୁ ଫେରିଲେ।

ତହିଁ ଆରଦିନ ସତିଆ ଖାତା କିଣିବାକୁ ଦୋକାନ ଯିବାକୁ ବାହାରିଲା। ସେତିକିବେଳେ ତା' ମାଆ କହିଲେ ପୁଅରେ ଏଇ ଚିରା ଟଙ୍କା ନେ, ଛକରେ ଯୋଉ ବହି ଦୋକାନ ଅଛି ସେଠାରୁ ଖାତା କିଣି ଟଙ୍କାଟାକୁ ଏମିତି ମୋଡିକି ଦେବୁ ଯେ, ଯେମିତି ଦୋକାନୀ ଜାଣିପାରିବନି।

ସତିଆ କହିଲା– ନା, ମୁଁ ଏ ଟଙ୍କା ନେବିନି, ଯିଏ ଏ ଟଙ୍କା ଦେଇଛି ସିଏ ଜାଣିକି ଦେଇଥିବ, ଅଥବା ଅଜାଣତରେ ଦେଇଥିବ। ଯଦି ଜାଣିକି ଦେଇଛି ସେ ଭୁଲ୍ କରିଛି। ତା'ର ଫଳ ସେ ପାଇବ। ବାପା ଗତକାଲି ଏଇ ଚିରା ଟଙ୍କା ପାଇଁ ହାଟରେ ଯେତେ ହୀନସ୍ତା ଓ ହଇରାଣ ହେଇଛନ୍ତି ମୁଁ ଜାଣିଛି। ମତେ ବି ଭାରି ଦୁଃଖ ଲାଗିଲା। ସେଥିପାଇଁ ଆମେ ଜାଣି ଜାଣି ଜଣଙ୍କୁ ଠକି ଚିରା ଟଙ୍କା ଦେଇ ସେଇ ଭୁଲ୍ ଆଉ କରିବା ନାହିଁ। ଯଦି ଦେଇ ଦେବା ଦୋକାନୀ ମୋ ବାପାଙ୍କ ଭଳି ହଇରାଣ ହେବେ। ଗୁରୁମା ଆମକୁ କହିଛନ୍ତି, କାହାକୁ ଠକିବା ନାହିଁ। ଠକିବା ଏକ ଅପରାଧ। ମା' ତମେ ପରା ଦିନେ ମତେ କହୁଥିଲ ସବୁବେଳେ ସତ କଥା କହିବୁ, କାହାକୁ ଠକିବୁ ନାହିଁ। ପୁଣି ମୋ ନାମ ସତିଆ ଦେଇଛ ଆଉ ଠକିବାକୁ କହୁଛ, ଏହା ଭଲ କଥା ନୁହେଁ। ସତିଆ ମୁହଁରୁ ଏ କଥା ଶୁଣି ମା' ଖୁସିରେ ସତିଆକୁ କୋଳେଇ ନେଇ କହିଲେ– ହଁରେ ଧନ ତୁ ଠିକ୍ କଥା କହୁଛୁ ମୁଁ ଭୁଲ୍ କରିବାକୁ ଯାଉଥିଲି। ଆମେ ଆଜିଠୁ କେବେ କାହାକୁ ଠକିବା ନାହିଁ। ସତିଆ କହିଲା– ହଁ ମା ଆଉ ଗୋଟେ କଥା ମୋର ମନେପଡିଲା, ଆମ ପ୍ରଧାନ ଗୁରୁଜୀ କହୁଥିଲେ ଚିରା ଟଙ୍କାଗୁଡିକ ବ୍ୟାଙ୍କ୍‌ରେ ବଦଳ ହୁଏ। ବାପା କହିଲେ– ହଉ ହଉ ଠିକ୍ କଥା ମୁଁ ବ୍ୟାଙ୍କକୁ ଯାଇ ସେଇ ଟଙ୍କା ବଦଳାଇ ଆଣିବି। ମା' କହିଲେ ସମସ୍ୟା ସମାଧାନର ତ ବାଟ ଫିଟିଲା, ଏବେ ଚାଲ ସମସ୍ତେ ଖାଇବା।

**–ପ୍ରଦୀପ କୁମାର ନାଏକ**
ଦୀପଜ୍ୟୋତି କୁଟୀର, ହାତୀସରା, ଦେଓଗାଁ, ବଲାଙ୍ଗୀର

# ସର୍ବାଧିକ ଶାକାହାରୀ ଥିବା ଦେଶ

ସବୁଠୁ ଅଧିକ ଶାକାହାରୀ ଅଛନ୍ତି ଆମ ଦେଶ ଭାରତରେ। ଅନ୍ୟ ସବୁ ଦେଶ ତୁଳନାରେ ଏଠାରେ ଅଧିକ ସଂଖ୍ୟାରେ ଲୋକ ଶାକାହାରୀ ଭୋଜନ ଖାଇବାକୁ ପସନ୍ଦ କରନ୍ତି। ତେବେ ବିଶ୍ୱର ଅନ୍ୟ ସବୁ ଦେଶ ତୁଳନାରେ ଏଠାରେ ଶାକାହାରୀ ବ୍ୟକ୍ତିଙ୍କ ସଂଖ୍ୟା ଅଧିକ ହେବା ପଛରେ ମୁଖ୍ୟ କାରଣ ହେଉଛି ଭାରତୀୟ ଲୋକଙ୍କ ଧର୍ମୀୟ ଭାବନା। ଜଣାଯାଏ କି ଭାରତରେ ୮୧ ପ୍ରତିଶତ ଯୁବପିଢି ଧାର୍ମିକ ଦୃଷ୍ଟିକୋଣରୁ କିଛି ନିର୍ଦ୍ଦିଷ୍ଟ ଦିନରେ ଆମିଷ ଭୋଜନ କରି ନ ଥାନ୍ତି। ଜୈନ ଧର୍ମର ଲୋକେ ଆଦୌ ଆମିଷ ଭୋଜନ କରନ୍ତି ନାହିଁ।



## ରଙ୍ଗ ଦିଅ



## ମତାମତ

ଗପ ସ୍ତମ୍ଭରେ 'ଲୋଭର ଫଳ' ଶିକ୍ଷଣୀୟ ହୋଇଛି। ଲୋଭ କରିବା ଦ୍ୱାରା କ'ଣ ଅସୁବିଧା ହୁଏ ଏଥିରୁ ଶିକ୍ଷା ମିଳିଲା। ପିଲାଙ୍କ ଧରିତ୍ରୀ କଳେବର ଅଧିକ ବୃଦ୍ଧି କଲେ ଭଲ ହୁଅନ୍ତା।

**– ବିଶ୍ୱଜିତ୍ ରାଉତ, ନୟାଗଡ଼**

କୁହୁଡ଼ି ହେଲେ ସାମ୍ନା ବସ୍ତୁ ଦିଶେନି, ପାଟିବାଟେ ଛୁଆ ଜନ୍ମ କରୁଥିବା ପ୍ରାଣୀ ଏବଂ ଗୋଟିଏ ରାଜ୍ୟ ଦୁଇଟି ରାଜଧାନୀ ବିଷୟ ପଢ଼ିଲି। ଏହା ପଢ଼ିଲା ପରେ ମୋତେ ଆଶ୍ଚର୍ଯ୍ୟ ଲାଗିଲା।

**– ରମାକାନ୍ତ ମଲ୍ଲ, ରାଜକନିକା, କେନ୍ଦ୍ରାପଡ଼ା**

ଆଇନା ସ୍ତମ୍ଭରେ ରୁଆନି ଏବଂ ରୁଦ୍ରାଂଶଙ୍କ ଫଟୋ ବହୁତ ସୁନ୍ଦର ହୋଇଛି।

**– ତୋଫାନ୍ ଦାସ, ମାଲକାନଗିରି**







ଏକ ଭିନ୍ନ ଧରଣର ଶିକ୍ଷା, ଯେଉଁଠି ଥାଏ ଖେଳିବାର ଆନନ୍ଦ ଆଉ ନୂତନତ୍ୱର ପରିକଳ୍ପନା। କଳ୍ପନାକୁ ରୂପ ଦେବାର ଏକ ମାଧ୍ୟମ ହୋଇପାରେ ପ୍ରୋଜେକ୍ଟ ପ୍ଲାନ୍। ଉଦ୍ଦେଶ୍ୟ ଆଉ ବାସ୍ତବତାକୁ ପିଲାମାନେ ଯେଉଁଭଳି ସାକାର କରନ୍ତି ତାହା ହିଁ ପାଲଟିଯାଏ ସେମାନଙ୍କ ଦକ୍ଷତା।

# ପ୍ରୋଜେକ୍ଟ ପ୍ଲାନ୍

ଶିକ୍ଷାର ଏକ ଭିନ୍ନ ରୂପ ହେଉଛି ପ୍ରୋଜେକ୍ଟ। ପିଲାଙ୍କୁ ସେମାନଙ୍କ ଦକ୍ଷତା ସହିତ ପରିଚୟ କରିବା ପାଇଁ ଏହାକୁ ମାଧ୍ୟମ ରୂପେ ଗ୍ରହଣ କରାଯାଏ। ଏଥିପାଇଁ ସ୍କୁଲରେ ଶ୍ରେଣୀ ଅନୁସାରେ ପିଲାଙ୍କୁ ଦିଆଯାଏ ପ୍ରୋଜେକ୍ଟ ପ୍ଲାନ୍। ଏହି ମାଧ୍ୟମରେ ସେମାନଙ୍କ କ୍ରିଏଟିଭିଟି ବଢାଇବା ପାଇଁ ପ୍ରୟାସ କରାଯାଏ।

## କ୍ରିଏଟିଭ୍ ଓ ଇଣ୍ଟ୍ରେଷ୍ଟିଙ୍ଗ୍

ଏକ ଆକର୍ଷଣୀୟ ଢଙ୍ଗରେ ପିଲାଙ୍କୁ ଆକୃଷ୍ଟ କରି ସେମାନଙ୍କୁ ଏହି ମାଧ୍ୟମରେ ଶିକ୍ଷାଲାଭ କରିବାର ସୁଯୋଗ ଦିଆଯାଏ। ନୂଆ କିଛି କରି ଦେଖାଇବା ପାଇଁ ନିଜ ସାମର୍ଥ୍ୟକୁ ପରିଚିତ କରାଇଥାଏ ଶିକ୍ଷାର ଏହି ଭିନ୍ନ ଶୈଳୀ। ଏଥିପାଇଁ ପିଲାଙ୍କୁ ନିଜ ଶ୍ରେଣୀ ଅନୁସାରେ ଦିଆଯାଏ ଏହି ଟାସ୍କ। ପ୍ରୋଜେକ୍ଟ ତିଆରି କରିବା ପାଇଁ ପିଲାଙ୍କର ଆକର୍ଷଣ ବି ଢେର୍ ରହିଥାଏ।

## ଦକ୍ଷତା ପରିଚୟ

ସବୁ ପିଲାଙ୍କର ଦକ୍ଷତା ସମାନ ନ ଥାଏ। କିନ୍ତୁ ପ୍ରୋଜେକ୍ଟ ମାଧ୍ୟମରେ ଅନେକ ସମୟରେ ପିଲାଙ୍କର ସ୍ୱତନ୍ତ୍ର ପ୍ରତିଭାର ପରିଚୟ ମିଳିଥାଏ। ଏହି ମାଧ୍ୟମରେ ସେମାନେ ଶିଖିବାର ସୁଯୋଗ ପାଆନ୍ତି ଓ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଥାଏ। ଏହା ବ୍ୟତୀତ ପିଲାମାନେ ମିଳିତ ଶକ୍ତିକୁ ଅନୁଭବ କରିବାର ସୁଯୋଗ ପାଆନ୍ତି। ଅନେକଗୁଡିଏ ପ୍ରୋଜେକ୍ଟକୁ ଏକାଠି କରିବା ସମ୍ଭବ ହୋଇଥାଏ। ତେଣୁ ସାମୂହିକ ଯୋଗଦାନ ମାଧ୍ୟମରେ କିଭଳି ସଫଳତା ମିଳେ ତାହା ମଧ୍ୟ ଶିକ୍ଷା କରନ୍ତି। ଏହା ବ୍ୟତୀତ ଏକାଠି କାମ କରିବା ଫଳରେ ସେମାନେ ଅନ୍ୟପିଲାଙ୍କର କ୍ଷମତାକୁ ମଧ୍ୟ ଚିହ୍ନି ପାରନ୍ତି।

## ପ୍ରଶ୍ନର ଉତ୍ତର ମିଳେ

ସ୍ୱାଭାବିକ ଭାବେ ପିଲାମାନେ ଜିଜ୍ଞାସୁ ହୋଇଥାନ୍ତି। ତେଣୁ ପ୍ରତି କ୍ଷେତ୍ରରେ ସେମାନଙ୍କ ମନରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରୁଥାଏ। ତେବେ ପ୍ରୋଜେକ୍ଟ ମାଧ୍ୟମରେ ସେମାନଙ୍କୁ ଅନେଗୁଡିଏ ପ୍ରଶ୍ନର ସମାଧାନ ମିଳିଯାଇଥାଏ। ଆଉ ସ୍କୁଲ ପ୍ରୋଜେକ୍ଟ ତିଆରି କରିବାକୁ ସେମାନେ କେତେକଙ୍କର ସାହାଯ୍ୟ ନିଅନ୍ତି ଏବଂ ନିଜ ପ୍ରଶ୍ନର ଉତ୍ତର ଖୋଜି ପାଆନ୍ତି। କାମକୁ ସମ୍ପୂର୍ଣ୍ଣ କରିବା ପାଇଁ ନିଜର ସମ୍ପୂର୍ଣ୍ଣ କ୍ଷମତାର ଉପଯୋଗ କରିବାକୁ ଚେଷ୍ଟା କରନ୍ତି।

## ଏମାନେ କ'ଣ କରନ୍ତି

### ଠିକ୍ ସମୟରେ ପ୍ରୋଜେକ୍ଟ କରେ



ସ୍କୁଲରେ ଯାହା ବି ପ୍ରୋଜେକ୍ଟ ଦିଆଯାଏ ସବୁ କରେ। ସେଥିପାଇଁ ପ୍ରୋଜେକ୍ଟ ଦିଆଯିବା ମାତ୍ରେ ମୋର ପ୍ଲାନିଂ ଆରମ୍ଭ ହୁଏ। କାହା ସହିତ କିଭଳି ଭାବରେ ପ୍ରୋଜେକ୍ଟ କରିବାକୁ ହେବ ସେନେଇ ଯୋଜନା ତିଆରି କରେ। ଯଦି କିଛି ଡାଉଟ୍ ଥାଏ ତା'ହେଲେ ପ୍ରଥମେ ସାର୍‌ଙ୍କ ପାଖରୁ ବୁଝେ। ତା'ପରେ ଆବଶ୍ୟକ ହେଲେ ଘରେ ବଡମାନଙ୍କ ସାହାଯ୍ୟ ନିଏ। ଅଧିକାଂଶ ସମୟ ମତେ ଏସବୁ କାମରେ ମାମା ହିଁ ସାହାଯ୍ୟ କରନ୍ତି। ଜିନିଷ ସବୁ ସଂଗ୍ରହ କରି ପ୍ରୋଜେକ୍ଟ ଶେଷ କରିବା ପାଇଁ ସବୁବେଳେ ଗାଇଡ୍ କରନ୍ତି।

**-ରାଜୀବ ପ୍ରଧାନ**
କ୍ଲାସ-୬, ସରକାରୀ ହାଇସ୍କୁଲ, ୟୁନିଟ-୯, ଭୁବନେଶ୍ୱର

### ନିଜେ କରେ



କେମିତି ହେବ ଜାଣିବା ପରେ ପ୍ରାୟ ସବୁ କାମ ନିଜେ କରେ। କେଉଁ ପ୍ରୋଜେକ୍ଟ ପାଇଁ କ'ଣ ସବୁ ଦରକାର ହେବ ସେସବୁ ନିଜେ ଯାଇ ପାଖ ଦୋକାନରୁ କିଣିକି ଆଣେ। ସବୁବେଳେ ଜିନିଷ କିଣୁଥିବାରୁ ଘରପାଖରେ ଆମ ଦୋକାନୀ ଅଙ୍କଲ ଚିହ୍ନା ହୋଇଯାଇଛନ୍ତି। ତେଣୁ ସେ ମଧ୍ୟ ଅନେକ ସମୟରେ ବିଭିନ୍ନ ପ୍ରୋଜେକ୍ଟର ସାମଗ୍ରୀ ଆପେ ଆପେ ଦେଇ ଦିଅନ୍ତି। ଦରକାର ନ ହେଲେ ସେ ପୁଣି ଥରେ ନେଇଯାଆନ୍ତି। ସେଥିପାଇଁ ମୋର ସବୁକାମ ସହଜରେ ହୋଇଯାଏ। ଆଉ ଏକ କଥା ହେଉଛି କି ଘରେ ମତେ ଏସବୁ କାମରେ ସାହାଯ୍ୟ କରିବା ପାଇଁ କେହି ନାହାନ୍ତି। ବାବା ଓ ମାମା ଉଭୟ ଚାକିରି କରୁଥିବାରୁ ଏହି କାମରେ ମତେ ସେମାନେ ସାହାଯ୍ୟ କରିପାରନ୍ତି ନାହିଁ। ଆଉ ମୁଁ ଏକୁଟିଆ ଏସବୁ କାମ କରେ ବୋଲି ସେମାନେ ମୋତେ ଖୁବ୍ ପ୍ରଶଂସା କରନ୍ତି। ଫଳରେ ମୋର କନ୍‌ଫିଡେନ୍ସ ଆହୁରି ଅଧିକ ହୋଇଯାଏ।

**-ଶ୍ରୀୟା ପଣ୍ଡା**
କ୍ଲାସ- ୭, ଓଡିଶା ଆଦର୍ଶ ବିଦ୍ୟାଳୟ, ଖଇରା, ବାଲେଶ୍ୱର

### ମାମା ସାହାଯ୍ୟ କରେ



ପ୍ରୋଜେକ୍ଟ ଦିଆହେଲା ମାନେ ମାମା ଭାରି ବ୍ୟସ୍ତ ହୋଇପଡେ। ତାକୁ ଲାଗେ ମୁଁ ସବୁକାମ ଠିକ୍ ଭାବେ କରିପାରିବି ନାହିଁ। ସେଥିପାଇଁ ସେ ସବୁ ଜିନିଷ ଆଣିବାକୁ ଆଗୁଆ ବରାଦ କରିଦିଏ। ଅନେକ ଥର ସିଏ ନିଜେ ଯାଇ କିଣି ଆଣେ। ତା'ପରେ ତିଆରି କରିବା ସମୟରେ ସାହାଯ୍ୟ ବି କରେ। ବେଳେବେଳେ ସବୁ ଜିନିଷ ପ୍ରସ୍ତୁତି କରି ରଖିବା ପରେ ମତେ କରିବାକୁ କହେ। ମୋର ଭୁଲ୍ ହେଲେ ସେ ପୁଣି ଥରେ କହିଦିଏ। ଯଦି ବେଶି କଷ୍ଟକର ପ୍ରୋଜେକ୍ଟ ହୋଇଥାଏ ତା'ହେଲେ ସେ ନିଜେ କିଛି କରିଦିଏ।

**-ଦେବାଂଶ କୁମାର ପାଣ୍ଡି**
କ୍ଲାସ- ୩, ସେଣ୍ଟ ଜାଭିୟର ହାଇସ୍କୁଲ, ନୀଳାଦ୍ରି ବିହାର, ଭୁବନେଶ୍ୱର

### କିଛି ଅସୁବିଧା ହୁଏନି




ହୋମୱର୍କ ଭଳି ପ୍ରୋଜେକ୍ଟ ତ ଆମକୁ ବହୁତ ଥର କରିବାକୁ ଦିଆଯାଏ। ତେବେ ଏସବୁ ପାଇଁ ଯାହା କରିବାକୁ ଦରକାର ହୁଏ ସେସବୁ ସବୁବେଳେ ନିଜେ କରିବାକୁ ଚେଷ୍ଟା କରେ। ପ୍ରଥମେ ସାଙ୍ଗମାନେ କେମିତି କରୁଛନ୍ତି ସେମାନଙ୍କ ଠାରୁ ପଚାରି ନିଏ। ଆମେ ପରସ୍ପର ସହିତ କଥାବାର୍ତ୍ତା ହୋଇ ଏକାଠି ପ୍ରୋଜେକ୍ଟ କାମ କରିଥାଉ। ଯଦି କୌଣସି ପ୍ରକାରର ଅସୁବିଧା ହୁଏ ତାହେଲେ ଘରେ ବଡମାନଙ୍କର ସାହାଯ୍ୟ ନିଏ। ନହେଲେ ନିଜେ ନିଜେ ସବୁ କରେ। ଏମିତିକି ସବୁ ଜିନିଷ ସଂଗ୍ରହ କରିବା କାମ ବି ନିଜେ କରେ। ତେଣୁ ସେମିତି କିଛି ଅସୁବିଧା ପ୍ରାୟ ହୁଏନି। ତା ଛଡା ସାର୍ ଆମକୁ ଆମେ କରିପାରୁଥିବା ଭଳି ପ୍ରୋଜେକ୍ଟ ହିଁ ଦିଅନ୍ତି। ତେଣୁ ଏହି କାମ କରିବାରେ ସେଭଳି ଅସୁବିଧା ହୁଏନି।


**-ଶୁଭଲକ୍ଷ୍ମୀ ମହାପାତ୍ର**
କ୍ଲାସ- ୭, ସରକାରୀ ଉପ୍ରା ବିଦ୍ୟାଳୟ, ଦିନିଆରୀ, ଖୋର୍ଦ୍ଧା


୧


୨


୩


୪


୫


୬


୭


୧
**ନିଶିକା ନାୟକ**
କ୍ଲାସ୍- ୬,
ଏ.ପି.ଜେ. ସ୍କୁଲ,
କୋଲକାତା


୨
**ଜିସାନ୍ତ ପଟ୍ଟନାୟକ**
କ୍ଲାସ୍- ୧,
ବିଜେଇଏମ୍ ସ୍କୁଲ-୧,
ଲକ୍ଷ୍ମୀସାଗର,
ଭୁବନେଶ୍ୱର


୩
**ଅନିଶା ଛତ୍ରିଆ**
କ୍ଲାସ୍-୫, ଅର୍ଡନାନ୍ସ
ଫ୍ୟାକ୍ଟ୍ରି ସ୍କୁଲ,
ବଡମାଲ,
ବଲାଙ୍ଗୀର


୪
**ଆରାଧ୍ୟା ବେହେରା**
କ୍ଲାସ୍- ୬, ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର,
ବରମୁଣ୍ଡା,
ଭୁବନେଶ୍ୱର


୫
**ସୁଦୀପ୍ତା ସେନାପତି**
କ୍ଲାସ୍-୫, ଡିୟୁ
ପବ୍ଲିକ୍ ସ୍କୁଲ,
ଚଣ୍ଡିଖୋଲ, ଯାଜପୁର


୬
**ଶ୍ରେୟାଶ୍ରୀ ବିଶ୍ୱାସ**
କ୍ଲାସ୍-୬,
ଜେ.ଆର.ଏସ୍
ପବ୍ଲିକ ସ୍କୁଲ,
ପଶ୍ଚିମବଙ୍ଗ


୭
**ଜୟେଶ ତ୍ରିପାଠୀ**
କ୍ଲାସ୍- ୧, ଓଡିଏମ୍
ଇଣ୍ଟରନ୍ୟାଶନାଲ୍ ସ୍କୁଲ,
ଅମଲାପଡା,
ଅନୁଗୋଳ


୮
**ଅସାମାନ୍ୟା ଦାଶ**
କ୍ଲାସ୍- ୩, ସରସ୍ୱତୀ
ଶିଶୁ ବିଦ୍ୟାମନ୍ଦିର,
ବରଦାବିହାର,
ବୈଶିଙ୍ଗା


୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



# ୩୬୦ କିକ୍

ମାର୍ଶଲ ଆର୍ଟରେ ୩୬୦ କିକ୍ ମାରିବା ସମସ୍ତଙ୍କ ପକ୍ଷରେ ସମ୍ଭବ ହୋଇ ନ ଥାଏ। ଢେର୍ ଦିନ ଅଭ୍ୟାସ କରିବା ପରେ ବି ଅନେକେ ଏହି ଦକ୍ଷତା ପ୍ରଦର୍ଶନ କରିପାରନ୍ତି ନାହିଁ। କିନ୍ତୁ ଏଭଳି ଏକ ବିରଳ ଦକ୍ଷତାର ଅଧିକାରୀ ହୋଇପାରିଛନ୍ତି ଦିଲ୍ଲୀର ଚିନ୍ମୟ ଶର୍ମା। ମାର୍ଶଲ ଆର୍ଟ କୌଶଳ ପ୍ରଦର୍ଶନ କରି ସେ ୩୬୦ କିକ୍ ମାରିବାରେ ସଫଳ ହୋଇଛନ୍ତି। ଏଥିପାଇଁ ସେ ଏବେ ପୁରୁଷ ବର୍ଗରେ ସବୁଠୁ ଅଧିକ କିକ୍ ମାରିବାରେ ଗିନିଜ୍ ରେକର୍ଡ କରିଛନ୍ତି। ଗତବର୍ଷ ଅଗଷ୍ଟ ମାସରେ ସେ ଏହି ମାର୍ଶଲ ଆର୍ଟରେ କଳା ପ୍ରଦର୍ଶନ କରିଥିଲେ। ମାର୍ଶଲ ଆର୍ଟରେ ଚିନ୍ମୟ ଅନେକ ବର୍ଷ ହେଲାଣି ଅଭ୍ୟାସ କରୁଛନ୍ତି। ଏକ ଅନୁଷ୍ଠାନ ମାଧ୍ୟମରେ ବିଭିନ୍ନ ପିଲାଙ୍କୁ ମଧ୍ୟ ଏହି କୌଶଳ ନେଇ ତାଲିମ ଦେଉଛନ୍ତି। ମହିଳା ଓ ଯୁବତୀମାନଙ୍କୁ ମଧ୍ୟ ଆତ୍ମରକ୍ଷାର କୌଶଳ ଶିକ୍ଷା ଦେଇଥାନ୍ତି। ତେବେ ଶିକ୍ଷା ଦେବା ସହିତ ସେ ନିଜେ ମଧ୍ୟ ସବୁବେଳେ ଅଭ୍ୟାସ କରିଥାନ୍ତି। ପ୍ରାୟ ୧୫ ବର୍ଷ ହେଲାଣି ସେ ଏହି କ୍ଷେତ୍ରରେ ନିଜ କ୍ୟାରିୟର କରିଛନ୍ତି। ଏହି ରେକର୍ଡ କରିବା ପୂର୍ବରୁ ମାର୍ଶଲ ଆର୍ଟରେ ସେ ଆହୁରି ବିଭିନ୍ନ ପ୍ରକାର ରେକର୍ଡ ମଧ୍ୟ କରିଛନ୍ତି।

# ଏଥରର ?

- ମରାଠା ସାମ୍ରାଜ୍ୟର ପ୍ରତିଷ୍ଠାତା କିଏ ?
- ୧୫୨୬ରେ ହୋଇଥିବା ପାନିପଥ ଯୁଦ୍ଧ କାହା ମଧ୍ୟରେ ହୋଇଥିଲା ?
- 'ଦି ଗଡ୍ ଅଫ୍ ସ୍ମଲ୍ ଥିଙ୍ଗ୍ସ' ପୁସ୍ତକର ରଚୟିତା କିଏ ?
- ଭାରତର କେଉଁ ସହରକୁ 'ଗେଟ୍ ୱେ ଅଫ୍ ଇଣ୍ଡିଆ' କୁହାଯାଏ ?
- ଦିଲ୍ଲୀର ଲାଲକିଲ୍ଲା କିଏ ନିର୍ମାଣ କରିଥିଲେ ?

## ଗତଥରର ଉତ୍ତର

- ସିଙ୍ଗାପୋର
- ସମୁଦ୍ରଗୁପ୍ତ
- ଅବୁଲ ଫାଜଲ
- ୧୯୪୯ ନଭେମ୍ବର ୨୬ରେ ଲାଗୁ, ୧୯୫୦ ଜାନୁଆରୀ ୨୬ରେ କାର୍ଯ୍ୟକାରୀ।
- ବଲୱନ୍ତ ରାୟ ମେହତା କମିଟି



## କବିତା

### ବସନ୍ତ ଆସିଛି

ବସନ୍ତ ଆସିଛି ଧରଣୀ ହସୁଛି
ମଳୟର ମିଠା ସ୍ପର୍ଶରେ
କୋଇଲି ଗାଉଛି ମଧୁର ସଙ୍ଗୀତ
ଆମ୍ବ ବଉଳର ମିଠା ବାସ୍ନାରେ।
ନବପଲ୍ଲବରେ ତରୁଲତା ଡାଳେ
ଫୁଟିଛି ଚମ୍ପା ଟଗର
ଅଙ୍ଗେ ଅଙ୍ଗେ ତା'ର ଫଗୁଣର ଫଗୁ
ଏ ଡାଳୁ ସେ ଡାଳ ଉଡେ ଭ୍ରମର।
ଦୂର ଆକାଶରେ ଚାନ୍ଦ ହସୁଥାଏ
ଦେଖି ସରସୀରେ କଇଁ
ସୂରୁଜମୁଖୀ ଫୁଟି ଉଠି ହସେ
ବସନ୍ତର ମିଠା ସ୍ପର୍ଶ ପାଇ।
ଧରଣୀ ରାଣୀର ମନଲୋଭା ବେଶ
ଦିଶେ କେଡେ ମନୋହର
ଅଙ୍ଗେ ଅଙ୍ଗେ ତା'ର ଫଗୁଣର ରଙ୍ଗ
ବିକଳ୍ପ ନାହିଁ ତା' ସୌନ୍ଦର୍ଯ୍ୟର।

**– ରମାକାନ୍ତ ଦାସ**
ନନ୍ଦିଗ୍ରାମ, ନାଉଗାଁ, ଜଗତ୍‌ସିଂହପୁର
ମୋ: ୯୬୬୮୮୧୫୩୬୯

### ବସନ୍ତ ଆସେ ଧୀରେ

ଶୀତ ତ ଗଲା ବସନ୍ତ ହେଲା କୋଇଲି ଗାଏ କୁହୁ,
ପରଜାପତି ଉଡି ଉଡିକା ଫୁଲରୁ ଶୋଷେ ମହୁ।
ବସନ୍ତ ଆସେ ବଉଳ ବାସେ ପଲ୍ଲବିତ ଏ ଧରା,
ପାଣି ଏଥର ଲାଗିବ ଭଲ, ଟାଣ ହୋଇବ ଖରା।
କୁହୁଡି ଏବେ ହଟି ତ ଯିବ, ମଳୟ ବହେ ଧୀରେ,
କୁନାକୁନି ଯେ ଛାଡ଼ିବେ ଗୁଡ଼ି, ଉଡ଼ିବ ପବନରେ।
ଋତୁଙ୍କ ରାଜା ବସନ୍ତ ମଜା, ମିଳେନା ଅନ୍ୟ ବେଳେ,
ବରଷେ ଥରେ ଆସଇ ଯେବେ, କେତେ ଆନନ୍ଦ ମିଳେ!
ମଣିଷଠାରୁ ପଶୁପକ୍ଷୀ ଯେ ସଭିଏଁ କେଡ଼େ ଖୁସି,
ନଥିବ ଖରା ବରଷା ଡର, ନଥିବ ଶୀତ ବେଶି।
ମଧୁର କ୍ଷଣେ ପ୍ରକୃତି କୋଳେ ଚଇତାଳିର ଛୁଆଁ,
ପରଶେ ତା'ର ପ୍ରତିଟି ତନୁ ଉଲୁସି ଉଠେ ଆହା!
ସବୁରି ମନେ ପ୍ରତି ଜୀବନେ ବସନ୍ତ ଆସୁଥାଉ,
ନୂଆ ପତର ସମ୍ଭାବନାରେ ପୃଥିବୀ ହସୁଥାଉ।

**– ରୁଦ୍ରମାଧବ ସାହୁ**
ବାଘମୁଣ୍ଡା, କାକଟପୁର, ପୁରୀ
ମୋ: ୬୩୭୦୧୩୧୨୬୯

### ଆଶିଷ ଢାଳିବେ

ଆମ ସ୍କୁଲର ବୁଦ୍ଧିଆ ପିଲାଟି
ଗୁଲୁଗୁଲା ତା'ର ନାଆଁ,
ଡଉଲଡାଉଲ ଚେହେରା ତାହାର
ଫୁଲବାଣୀ ତା'ର ଗାଆଁ।
ପାଠରେ ଶାଠରେ ଖେଳରେ କୁଦରେ
ସବୁଥିରେ ସିଏ ଆଗ,
ଗୋରା ତକତକ ଚେହେରା ତାହାର
ଗାଲରେ ରହିଛି ଦାଗ।
ପଶୁ,ପକ୍ଷୀ ଆଉ ଜୀବଜନ୍ତୁ ଦେଖି
ଖାଇବାକୁ ଦିଏ ଡାକି,
ଗଛ ଲଗାଇବା ଅଳିଆ ରୋକିବା
ସବୁଥିରେ ତା'ର ଆଖି।
ଗୁରୁଜୀ କହନ୍ତି ସବୁ ପିଲାମାନେ
ଗୁଲୁଗୁଲା ପରି ହୁଅ,
ଭଲ କାମ କଲେ ଜୀବନେ ତୁମକୁ
ଆଶିଷ ଢାଳିବେ ଦିଅଁ।

**– ତପନ କୁମାର ସ୍ୱାଇଁ**
ମହାନଦୀ ବିହାର, କଟକ
ମୋ: ୯୦୪୦୦୩୩୩୯୦

## କହିଲ ଦେଖି

ଶିଶୁ ଗପ ଗୀତ ପହେଳି ଆସେ,
ପିଲାଙ୍କର ଛବି ମନକୁ ତୋଷେ,
ପ୍ରତି ଶନିବାର ପ୍ରକାଶ ପାଏ,
ପଢ଼ିବାକୁ ପିଲା ଅନେଇ ଥାଏ,
କହିଲ ଦେଖି ?
କେଉଁ କାଗଜର ସାପ୍ତାହିକ ଇଏ
ନାନା କଥା ଏଥୁ ପାରିବ ଶିଖି।

ଉତ୍ତର– **ପିଲାଙ୍କ ଧରିତ୍ରୀ**




ଶିଶୁ ଅବା ଜୀବ ଛୁଆ ସେ ନୁହେଁ,
ସକାଳ ପହରୁ ଜନମ ନିଏ,
ଅଟେ ଭାରି ଉପାଦେୟ,
ଖବର ପ୍ରବନ୍ଧ ଗପ ଗୀତେ ଭରା
କିଣି ପଢ଼ିବାକୁ ଦିଅ ହେ ଲୟ।

ଉତ୍ତର– **ଖବରକାଗଜ**




ନିର୍ଜୀବ ହେଲେ ବି ଗୁରୁଙ୍କ ପରି,
ଜ୍ଞାନ ବିଜ୍ଞାନରେ କେ ହେବ ସରି,
ବଡ଼ ଉପକାରୀ ବନ୍ଧୁ,
ତାକୁ ଯଦି ମିତ କରିବ ସଙ୍ଗାତ
ଲଙ୍ଘି ଯିବ ସାତ ସିନ୍ଧୁ।

ଉତ୍ତର– **ବହି/ପୁସ୍ତକ**



ବିଦ୍ୟାଳୟ ପିଲା ଭଲ ପାଆନ୍ତି,
ସଦାବେଳେ ପାଖେ ରଖି ଥାଆନ୍ତି,
ଲେଖା ପଢ଼ା ପାଇଁ ଲୋଡା,
ଏହା ଯିଏ ବେଶି ଆଦର କରନ୍ତି
(ହୁଏ)ଭଲେ ଭବିଷ୍ୟତ ଗଢା।

ଉତ୍ତର – **ଖାତା**




ଧଳା କ୍ଷେତ ପାଇଁ ନାନାଦି ରଙ୍ଗର
ଲଙ୍ଗଳ ତ ଲୋଡା ହୁଏ,
ପାଠୁଆଙ୍କ ପାଖେ ସବୁବେଳେ ଥାଏ
କୁହ ଏ ସେବକ କିଏ ?

ଉତ୍ତର– **କଲମ**

**– କବିଜ୍ୟୋତି ନିରଞ୍ଜନ ପତି**
ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ: ୯୯୩୮୧୩୩୫୫୯

# ମୋ ବୃତ୍ତକୁ ନଷ୍ଟ କରନାହିଁ



ଆର୍କିମିଡିସ୍

ରୋମାନ୍‌ମାନେ ଗ୍ରୀକ୍ ସହର ସିରାକସ୍‌କୁ ଆକ୍ରମଣ କଲେ। ସିରାକସ୍‌ର ସୈନ୍ୟସଂଖ୍ୟା କମ୍ ଥିଲେ ସୁଦ୍ଧା ସେମାନଙ୍କ ପାଖରେ ଥିଲେ ସେ ସମୟର ପୃଥିବୀର ବିଶିଷ୍ଟ ବୈଜ୍ଞାନିକ ଆର୍କିମିଡିସ୍ (ଖ୍ରୀ:ପୂ ୨୮୭– ଖ୍ରୀ:ପୂ–୨୧୨)। ସେ ଗଣିତ ଓ ବିଜ୍ଞାନର ଅନେକ ସୂତ୍ର ବାହାର କରିବା ସହିତ ଇଞ୍ଜିନିୟରିଂ କ୍ଷେତ୍ରରେ ଅନେକ ଉଦ୍ଭାବନ କରିଥିଲେ। ଉଦ୍ଭାବନଗୁଡ଼ିକ ମଧ୍ୟରେ ଅନେକ ଯୁଦ୍ଧାସ୍ତ୍ର ଥିଲା। ସେଗୁଡ଼ିକ ସାହାଯ୍ୟରେ ସେ ରୋମାନମାନଙ୍କ ଜାହାଜକୁ ସମୁଦ୍ରରେ ବୁଡ଼ାଇ ଦେଇଥିଲେ। ଫଳରେ ରୋମାନ୍‌ମାନେ ସିରାକସ୍ ଭିତରେ ପଶି ନ ପାରି ଏହାକୁ ସ୍ଥଳ ଓ ଜଳଭାଗରେ ଚତୁର୍ଦ୍ଦିଗ ଘେରି ରହିଲେ। ଅନେକ ମାସ ଘେରାବନ୍ଦୀ ଭିତରେ ରହିବା ପରେ ସିରାକସ୍‌ର ପତନ ହେଲା ଏବଂ ରୋମାନ୍‌ମାନେ ଏହାକୁ ଅଧିକାର କରିନେଲେ।

ରୋମାନ୍‌ମାନଙ୍କର ସେନାପତି ଥିଲେ ମାର୍ସିଲସ୍। ଆର୍କିମିଡିସ୍‌ଙ୍କ ପ୍ରତି ତାଙ୍କର କ୍ରୋଧ ଥିଲେ ସୁଦ୍ଧା ସେ ତାଙ୍କର ଜ୍ଞାନକୁ ପ୍ରଶଂସା କରୁଥିଲେ। ତାଙ୍କ ଜ୍ଞାନକୁ ନେଇ ସେ ନିଜ ଦେଶରେ ପ୍ରୟୋଗ କରିବାକୁ ଚାହୁଁଥିଲେ। ଏଣୁ ସେ ଆର୍କିମିଡିସ୍‌ଙ୍କୁ ଧରି ଆଣିବା ପାଇଁ ଜଣେ ସୈନିକଙ୍କୁ ପଠାଇଲେ।

ସୈନିକ ଆର୍କିମିଡିସ୍‌ଙ୍କୁ ସମୁଦ୍ରକୂଳରେ ପାଇଲେ। ଆର୍କିମିଡିସ ବାଲିରେ ଅଙ୍କନ କରାଯାଇଥିବା କିଛି ଚିତ୍ରକୁ ଚାହିଁ ଗଭୀର ଭାବନାରେ ବୁଡ଼ି ରହିଥିଲେ। ତାଙ୍କୁ ତାଙ୍କ ସହିତ ସେନାପତି ମର୍ସିଲସଙ୍କ ଦରବାରକୁ ଯିବା ପାଇଁ ସୈନିକ ଆଦେଶ ଦେଲା। ଆର୍କିମିଡିସ ଏହା ଶୁଣି କିଛି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ। କେବଳ ତାଙ୍କ କାନ୍ଧ ଦୁଇଟିକୁ ଟିକିଏ ହଲାଇଦେଲେ।

ବାଲିରେ କେଉଁ ଚିତ୍ର ଅଙ୍କନ ହୋଇଛି ତାହା ଦେଖିବା ପାଇଁ ସୈନିକ ଟିକିଏ ଆଗକୁ ଗଲେ। କିନ୍ତୁ ଆର୍କିମିଡିସ ଚିଡ଼ିଯାଇ ତାଙ୍କୁ କହିଲେ ''ଯାଅ ! ଯାଅ ! ମୋ ବୃତ୍ତକୁ ନଷ୍ଟ କରନାହିଁ।''

ସୈନିକ ଜଣକ ରାଗିଯାଇ ଖୋଳରୁ ଖଣ୍ଡା ବାହାର କଲା ଏବଂ ଗୋଟିଏ ଚୋଟରେ ଆର୍କିମିଡିସଙ୍କ ମୁଣ୍ଡ ଓ ଗଣ୍ଡି ଅଲଗା କରିଦେଲା। ଏହିଭଳି ପରିସ୍ଥିତିରେ ଗଣିତ ପାଇଁ ଜଣେ ଗଣିତଜ୍ଞ ନିଜ ଜୀବନ ବଳିଦେଲେ।

**– ଇଂ. ମାୟାଧର ସ୍ୱାଇଁ**
୭୦, ଲକ୍ଷ୍ମୀବିହାର, ଫେଜ୍–୧, ଭୁବନେଶ୍ୱର
ମୋ : ୯୪୩୮୬୯୩୭୨୪

# କାହିଁକି ଲାଗେ ଫଳ ଉପରେ ଷ୍ଟିକର



ବଜାରକୁ ଯେତେବେଳେ ଫଳ କିଣିବାକୁ ଗଲେ, ସେଠାରେ ଚକ୍‌ମକ୍ ଫଳକୁ ଦୂରରୁ ଦେଖି ତାକୁ କିଣିବାକୁ ମନ ହୁଏ। ବଜାରରେ ମିଳୁଥିବା କେତେକ ଫଳ ଉପରେ ବିଭିନ୍ନ ପ୍ରକାରର ଷ୍ଟିକର ଲାଗିଥିବାର ଦେଖିବାକୁ ମିଳେ। ଫଳ ଖାଇବା ପୂର୍ବରୁ ସେ ଷ୍ଟିକରକୁ କେତେକ ନପଢ଼ି ତାକୁ କାଢ଼ି ଖାଇବାକୁ ଲାଗିଥା'ନ୍ତି। ଯେତେବେଳେ କୌଣସି ଫଳ ନେଇ ଆସୁଛ, ତେବେ ପ୍ରଥମେ ଲାଗିଥିବା ଷ୍ଟିକରକୁ ଭଲ ଭାବରେ ଲକ୍ଷ୍ୟ କର। ତା' ଉପରେ କ'ଣ ଲେଖାଯାଇଛି ତାକୁ ପଢ଼ିବା ଦରକାର। ବିଶେଷ ଭାବରେ ଫଳ ଅମଳ ହେବା ପରେ ଏହାକୁ ଚିହ୍ନଟ କରିବା ଲାଗି ଏହି ଷ୍ଟିକର ଲଗାଯାଏ। ଏଥିଯୋଗୁଁ ଫଳର ପ୍ରକାର ଅନୁସାରେ ତାହାକୁ ସହଜରେ ବେପାରୀମାନେ ଚିହ୍ନଟ କରି ବିକ୍ରୟ କରିପାରନ୍ତି।



ଫଳର କ୍ୱାଲିଟି ଅନୁସାରେ ସେଥିରେ ଷ୍ଟିକର ମରାଯାଏ। ଏଥିରେ ଏକ ଖାସ୍ କୋଡ୍ ଲେଖା ଯାଇଥାଏ। ଯଦି କୌଣସି ଫଳ ଉପରେ ପାଞ୍ଚ ଡିଜିଟ୍‌ର ନମ୍ବର ଲେଖା ଥାଏ, ତେବେ ଏହା ଅର୍ଗାନିକ୍ ଉପାୟରେ ଚାଷ କରାଯାଇଛି। ଏହି ଫଳ ଖାଇବା ସ୍ୱାସ୍ଥ୍ୟପ୍ରଦ ହୋଇଥାଏ। ଯଦି ଏହି ପାଞ୍ଚ ଡିଜିଟ୍ ସଂଖ୍ୟା ୯'ରୁ ଆରମ୍ଭ ହୋଇଥାଏ, ତେବେ ଏହା ସମ୍ପୂର୍ଣ୍ଣରୂପେ ପ୍ରାକୃତିକ ଉପାୟରେ ଚାଷ କରାଯାଇଛି। ଯଦି ଏହି ନମ୍ବର ୮ରୁ ଆରମ୍ଭ ହୋଇଥାଏ, ତେବେ ଏହା ଜେନେଟିକ୍ ମୋଡିଫିକେଶନ୍ ଦ୍ୱାରା ଚାଷ କରାଯାଇଛି। ଯଦି ଫଳ ଉପରେ ୪ ଡିଜିଟ୍‌ର ସଂଖ୍ୟା ଥାଏ, ତେବେ ଏହାର ଅର୍ଥ ଫଳରେ କୀଟନାଶକ ଔଷଧ ଏବଂ କେମିକାଲର ପ୍ରୟୋଗ କରାଯାଇଛି। ତେଣୁ ଷ୍ଟିକର ଲାଗିଥିବା ଫଳ କିଣିବା ସମୟରେ ଦେଖି ଚାହିଁ କିଣନ୍ତୁ।



# ପବନ ଦ୍ୱାରା ବିଜୁଳି ଶକ୍ତି

ବର୍ତ୍ତମାନ ବିଜୁଳି ବିନା କୌଣସି କାମ କଳ୍ପନା କରିହୁଏନି। କାହିଁକିନା ବିଜୁଳି ସାହାଯ୍ୟରେ ଅଧିକାଂଶ କାମ ହେଉଛି। ଏବେ କିନ୍ତୁ ପବନ ସାହାଯ୍ୟରେ ବିଜୁଳି ଶକ୍ତି ଉତ୍ପାଦନ ହେଉଛି। ବିଜୁଳି ଶକ୍ତି ଉତ୍ପାଦନର ପ୍ରମୁଖ ଉତ୍ସ ହେଲା ଜଳ ଏବଂ କୋଇଲା। କିନ୍ତୁ ଜାଣିଛ କି ପବନରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ କେଉଁ ଦେଶ ସବୁଠାରୁ ଆଗରେ ରହିଛି। ସେ ଦେଶଟି ହେଲା ଚାଇନା। ପବନ ହେଉଛି ବିଜୁଳି ଶକ୍ତିର ଏକ ମୁଖ୍ୟ ଉତ୍ସ। ଆମ ଦେଶରେ ପବନ ଶକ୍ତିର ବିକାଶ ୧୯୯୦ରେ ଆରମ୍ଭ ହୋଇଥିଲା। ଏହି ଶକ୍ତି କିପରି ଉତ୍ପନ୍ନ ହେଉଛି ସେ ନେଇ ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ। ପବନରୁ ବିଦ୍ୟୁତ ଶକ୍ତି ଉତ୍ପାଦନ ଲାଗି ବ୍ୟବହୃତ ହେଉଥିବା ଖୁଣ୍ଟରେ ଏକ ଉଚ୍ଚ ଶକ୍ତିସମ୍ପନ୍ନ ବ୍ଲେଡ ଲାଗିଥାଏ। ପବନ ସଂସ୍ପର୍ଶରେ ଆସିବା ଦ୍ୱାରା ବ୍ଲେଡ୍ ବୁଲିଥାଏ। ବୁଲୁଥିବା ବ୍ଲେଡ ଗତିଜ ଶକ୍ତିରୁ ଯାନ୍ତ୍ରିକ ଶକ୍ତିକୁ ବଦଳିଯାଏ। ପୁଣି ଯାନ୍ତ୍ରିକ ଶକ୍ତି ଜେନେରେଟରର ରୋଟରକୁ ବୁଲାଇଥାଏ ଏବଂ ରୋଟର ବୁଲାଇବା ଦ୍ୱାରା ବିଜୁଳି ଶକ୍ତି ଉତ୍ପନ୍ନ ହୁଏ। ସୂଚନା ମୁତାବକ, ୩୦ ସେପ୍ଟେମ୍ବର ୨୦୨୪ରେ ପବନରୁ ବିଜୁଳି ଶକ୍ତି ଉତ୍ପାଦନ କ୍ଷମତା ୪୭.୩୬ ଗିଗାୱାଟ୍ ଥିଲା। ଏହା ଆମ ଦେଶରେ ମୁଖ୍ୟତଃ ଗୁଜରାଟ, ତାମିଲନାଡୁ, କର୍ଣାଟକ, ମହାରାଷ୍ଟ୍ର, ରାଜସ୍ଥାନ ଏବଂ ଆନ୍ଧ୍ରପ୍ରଦେଶ ଆଦି ପ୍ରମୁଖ ରାଜ୍ୟରେ ଏହା ଉତ୍ପନ୍ନ ହେଉଛି। କେବଳ ସେତିକି ନୁହେଁ,ଆମ ଦେଶର ଅନ୍ୟ ରାଜ୍ୟରେ ଏଭଳି ବ୍ୟବସ୍ଥା କରିବାକୁ ଯୋଜନା ଚାଲିଛି।



# ଆ ଇ ନା




**ଆକାଂକ୍ଷା ପ୍ରିୟଦର୍ଶିନୀ**

୩ ବର୍ଷ,
ଖୋର୍ଦ୍ଧା



**ବି. ଇଫ୍ରାତ ଜୋଏଲ**

୮ ବର୍ଷ,
ବଲାଙ୍ଗିର